# ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

<u>ଟେଣ୍ଡର ବିଜ୍ଞପ୍ତି</u>

ନଂ. ୬୬୪/ ତା. ୦୨/୧୨/୨୦୨୫

ଧନୁଯାତ୍ରା ମହୋତ୍ସବ ସମୟରେ ବରଗଡ ସହରର ଅନ୍ୟାନ୍ୟ ସ୍ଥାନରେ ପାର୍କିଂ ଗୁଡିକ ନିର୍ଦ୍ଦିଷ୍ଟ ଫର୍ମ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗେଇ ଦିଆଯିବ ।

ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ସୁଦ୍ଧା) ତା. ୧୦.୧୨.୨୦୨୫ ଠାରୁ ତା.୧୭.୧୨.୨୦୨୫ ଛୁଟିଦିନ ବ୍ୟତୀତ ଆବଶ୍ୟକୀୟ ଟେଣ୍ଡର କାଗଜପତ୍ର ପାର୍କିଂ ପାଇଁ ଟ.୪୦୦୦.୦୦(ଚାରି ହଜାର ମାତ୍ର) ବିନିମୟରେ ଫର୍ମ ଯୋଗେଇ ଦିଆଯିବ । ଇଚ୍ଛୁକ ବ୍ୟକ୍ତି ମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ ।

ପାର୍କିଙ୍ଗ ପାଇଁ ଟେଣ୍ଡର କାଗଜପତ୍ର, ନିଜର ସର୍ବୋଚ୍ଚ ଡାକ ମୂଲ୍ୟ ସ୍ୱତନ୍ତ୍ର ଟେଣ୍ଡର(Tender) ମାଧ୍ୟମରେ ସର୍ବୋଚ୍ଚଦର ଜଉମୁଦ ଲଫାପାରେ ତା.୧୦.୧୨.୨୦୨୫ ଠାରୁ ତା.୧୭.୧୨.୨୦୨୫ ରିଖ (ଛୁଟିଦିନ ବ୍ୟତିତ) ସମୟ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ନିର୍ଦ୍ଦିଷ୍ଟ ବାକ୍ସରେ ପକାଇବେ । ପାର୍କିଂ ପାଇଁ କମିଟୀ ମେମ୍ବରଙ୍କ ଏବଂ କେବଳ ଟେଣ୍ଡରରେ ଭାଗ ନେଇଥିବା ବ୍ୟକ୍ତିଙ୍କ ଉପସ୍ଥିତିରେ ତା.୧୭.୧୨.୨୦୨୫ ରିଖ ଅପରାହ୍ନ ୪.୩୦ ଘଟିକା ସମୟରେ ଖୋଲାଯାଇ ନିୟମାନୁଯାୟୀ ଚୁକ୍ତି ସମ୍ପାଦନ କରାଯିବ । ଯଦି ଉକ୍ତ ଦିନ ଏହି ଟେଣ୍ଡର ପ୍ରକ୍ରିୟା ଚୁଡାନ୍ତ ନ ହୁଏ ତେବେ, ପୁନଃ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରି ଦ୍ୱିତୀୟ ଥର ତା. ୨୦.୧୨.୨୦୨୫ ରିଖ ଅପରାହ୍ନ ୪.୩୦ ଘଟିକା ସମୟରେ ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ କରାଯିବ ।

ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଡାକ ମୂଲ୍ୟକୁ କିମ୍ବା ସମ୍ପୂର୍ଣ୍ଣ ଟେଣ୍ଡରକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି । ସବିଶେଷ ବିବରଣୀ ଜିଲ୍ଲା Website-https://bargarh.odisha.gov.in ତଥା ଜିଲ୍ଲାପାଳ ବରଗଡ଼ଙ୍କ ନୋଟିସ ବୋର୍ଡ/ ଉପ-ଜିଲ୍ଲାପାଳ ବରଗଡ଼ଙ୍କ ନୋଟିସ ବୋର୍ଡ/ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବରଗଡ଼ / ତହସିଲଦାର, ବରଗଡ଼ଙ୍କ ନୋଟିସ ବୋର୍ଡରେ ମଧ୍ୟ ଉପଲବ୍ଧ ହେବ ।

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

# ସର୍ତ୍ତାବଳୀ

## ବରଗଡ଼ ଧନୁଯାତ୍ରାରେ ପାର୍କିଂ ସ୍ଥାନ ପାଇଁ ସର୍ତ୍ତାବଳୀ

୧- ଆବେଦନକାରୀ ପାର୍କିଂ ପାଇଁ ଟ. ୪,୦୦୦/- (ଚାରି ହଜାର ଟଙ୍କା ମାତ୍ର) ଜମା କରିବେ ଯାହା ଫେରସ୍ତ ହେବନାହିଁ । ଉକ୍ତ ରସିଦକୁ ଆବେଦନ ଫର୍ମ ସହିତ ସଂଶ୍ଳିଷ୍ଟ କରିବେ ଏବଂ ପ୍ରତ୍ୟେକ ପାର୍କିଂ ଜୋନ୍ ପାଇଁ ଅଲଗା ଫଇସଲା କରାଯିବ ।

୨- ପାର୍କିଂ ସ୍ଥାନପାଇଁ ଆବେଦନକାରୀ ସର୍ବୋଚ୍ଚ ଡାକ ମୂଲ୍ୟ ଲେଖି ଟେଣ୍ଡର ପକାଇବେ ଏବଂ ଟେଣ୍ଡର ପକାଇଥିବା ମୂଲ୍ୟର ୨୦% ଅମାନତ ରାଶି (Earnest Money) ବ୍ୟାଙ୍କ ଡ୍ରାଫ୍ଟ କରି ଟେଣ୍ଡର ଫର୍ମ ସହିତ ଦାଖଲ କରିବେ । ଜମି ଆବଣ୍ଟନ ସୁପାରିସ କ୍ରମେ ସର୍ବୋଚ୍ଚ ଟେଣ୍ଡର ପାଇଥିବା ଆବେଦନକାରୀ ପାର୍କିଂ ପାଇଁ ନିମ୍ନ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଅସୁଲି କରିବେ ।

ନିମ୍ନ ପ୍ରଦତ୍ତ ଧାର୍ଯ୍ୟ ମୂଲ୍ୟ ରୁ ଅଧିକ ଆଦାୟ କଲେ ସଂପୃକ୍ତ ଟେଣ୍ଡରଟି ଅମାନ୍ୟ ହୋଇ ଅନ୍ୟ ବ୍ୟକ୍ତିଙ୍କୁ ନିୟମାନୁସାରେ କମିଟିର ମଂଜୁର କ୍ରମେ ବଣ୍ଟନ କରାଯିବ ଓ ଖିଲାପକାରୀଙ୍କ କୌଣସି ଦାବି ଗ୍ରହଣ ହେବ ନାହିଁ ଓ ତାଙ୍କ ବିରୁଦ୍ଧରେ ମୋକଦ୍ଦମା ରୁଜୁ କରାଯାଇପାରେ ।

(କ) ସାଇକଲ- ଟ୧୦ଙ୍କା,

(ଖ) ଦୁଇ ଚକିଆ ଯାନ- ଟ୨୦ଙ୍କା,

(ଗ) ତିନି ଚକିଆ ଯାନ- ଟ୩୦ଙ୍କା

(ଘ) ଚାରି ଚକିଆ ଯାନ- ଟ୪୦ଙ୍କା

୩- ଟେଣ୍ଡର ବାବଦକୁ ଆବେଦନକାରୀ (Upset Price) ସର୍ବନିମ୍ନ ମୂଲ୍ୟ ର ୨୦% ଅମାନତ ରାଶି (Earnest Money) ବ୍ୟାଙ୍କ ଡ୍ରାଫ୍ଟ କରି ଟେଣ୍ଡର ଫର୍ମ ସହିତ ଦାଖଲ କରିବେ । ବ୍ୟାଙ୍କ ଡ୍ରାଫ୍ଟ ଟି ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼ ଙ୍କ ନାମରେ କରିବେ, ଅନ୍ୟଥା ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ ।

୪- ଯଦି କୌଣସି ନିଲାମଧାରୀ ହୋଇ ଏବଂ ସେ କୌଣସି କାରଣ ବଶତଃ ଚୁଡାନ୍ତ ନିଲାମୀ ରୁ ଓହରିଯାନ୍ତି ତାହା ହେଲେ ତାଙ୍କ ଦ୍ୱାରା ଜମାଥିବା EMD ୨୦% ଅମାନତ ରାଶି ବାଜ୍ୟାପ୍ତି ହେବ ଓ ତାଙ୍କ କୌଣସି ଦାବି ଗ୍ରହଣ ହେବ ନାହିଁ ।

୫- ଯଦି କୌଣସି ନିଲାମଧାରୀ Upset ମୂଲ୍ୟ ରୁ କମ୍ ଦରରେ ନିଲାମ କରିଥାନ୍ତି ତା' ହେଲେ ତାଙ୍କର ଟେଣ୍ଡର ପେପର କୁ ବିଚାର କୁ ନିଆଁଯିବ ନାହିଁ ଏବଂ EMD ରାଶି ବାଜ୍ୟାପ୍ତି ହେବ ଓ ତାଙ୍କ କୌଣସି ଦାବି ଗ୍ରହଣ ହେବ ନାହିଁ ।

୬- ଅସଫଳ ହୋଇଥିବା ନିଲାମଧାରୀଙ୍କ (EMD) ଟଙ୍କା ନିଲାମ ଖୋଲାଯିବାର ତା' ପରଦିନ ଫେରସ୍ତ କରାଯିବ ।

୭- ଟେଣ୍ଡରରେ ସର୍ବୋଚ୍ଚ ମୂଲ୍ୟ ଦେଇ ଡାକିଥିବା ବ୍ୟକ୍ତି ଉକ୍ତ ଦିନ ଯଥା ନିଲାମ ଦିବସରେ ନିଲାମର ୩୦ ମିନିଟ ମଧ୍ୟରେ ସମସ୍ତ ଅର୍ଥ ଜମା କରିବେ । ନଚେତ୍ ଟେଣ୍ଡର ରଦ୍ଦ କରାଯିବ ଏବଂ ଦାଖଲ କରିଥିବା ଜମାରାଶି (Earnest Money) ବାଜ୍ୟାପ୍ତି ହେବ ଏବଂ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟଧାରୀଙ୍କୁ କମିଟି ଦ୍ୱାରା ବିଚାରକୁ ନିଆଯାଇ ପାରେ ।

୮ - ଗତ ବର୍ଷର ବାକିଦାର (Defaulter) ଟେଣ୍ଡରଧାରୀ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ (Representative) ବ୍ୟକ୍ତି ଏହି ବର୍ଷର ଟେଣ୍ଡରରେ ଭାଗ ନେଇପାରିବେ ନାହିଁ । ଯଦି ଏହା ଜଣାପଡ଼େ ତାଙ୍କର ଟେଣ୍ଡର ଟି ତୁରନ୍ତ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମାରାଶି (Earnest Money) ମଧ୍ୟ ବାଜ୍ୟାପ୍ତି ହେବ ।

୯ - ଏଥି ନିମନ୍ତେ ଧନୁଯାତ୍ରା କମିଟି ଦ୍ୱାରା ପ୍ରସ୍ତୁତ ନୂତନ ନକ୍ସା ସଂଲଗ୍ନ କରାଯାଇଅଛି ।

୧୦ - ସମସ୍ତ ପ୍ରକାର ବିବାଦରେ କେବଳ ଜମିଆବଣ୍ଟନ କମିଟୀର ନିଷ୍ପତ୍ତି ଚୂଡ଼ାନ୍ତ ସର୍ବମାନ୍ୟ ହେବ । ସମସ୍ତ ଆଇନଗତ ମୋକଦ୍ଦମା ବରଗଡ଼ ଅଦାଲତରେ ହିଁ କେବଳ ବିଚାର ହେବ ।

୧୧- ଜଣେ ବ୍ୟକ୍ତି / ସଂସ୍ଥା ଗୋଟିଏ ରୁ ଅଧିକ ସ୍ଥାନ ପାଇଁ ଆବେଦନ କରିପାରିବେ ନାହିଁ ।

୧୨ - ଯଦି ଟେଣ୍ଡର ରେ ଉପକୃତ ହୁଅନ୍ତି ତେବେ ସେ ପ୍ରାପ୍ତ ହୋଇଥିବା ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନ ବିରୁଦ୍ଧରେ ଦାବି/ ଅଭିଯୋଗ କରିପାରିବେ ନାହିଁ ।

**ବିଶେଷ ଦ୍ରଷ୍ଟବ୍ୟ**

ପାର୍କିଂରେ ଯାନବାହାନ ରଖୁଥିବା ବ୍ୟକ୍ତିଙ୍କ କିଛି ଅଭିଯୋଗ ଥାଏ ତେବେ ନିମ୍ନ ନମ୍ବରକୁ ପ୍ରମାଣ ସହ କେବଳ WhatsApp କଲେ ବିଚାରକୁ ନିଆଯାଇ ସଂପୃକ୍ତ ଖିଲାପକାରୀ ଦୋଷି ସାବ୍ୟସ୍ତ ହେଲେ ତାଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**WhatsApp No. – 9861678855 (WhatsApp) only**

# Parking Area

| Sl. No. | Place | Area in Sq.ft. | Up-Set Price |
|---|---|---|---|
| 01 | 02 | 03 | 04 |
| 01. | Bandutikra Chowk to Mahadev Temple (Temple Site-01) | 40x300 | ₹ . 37,000/- |
| 02. | Bandutikra Chowk to Mahadev Temple (Temple Site-02) | 40x300 | ₹ . 37,000/- |
| 03. | Bandutikra Chowk to Mahadev Temple (Temple Site-03) | 40x300 | ₹ . 37,000/- |
| 04. | Bandutikra Chowk to Behera Nursing Home(Behera Nursing Home Site-01) | 40x300 | ₹ . 37,000/- |
| 05. | Bandutikra Chowk to Behera Nursing Home(Behera Nursing Home Site-02) | 40x300 | ₹ . 37,000/- |
| 06. | Bandutikra Chowk to Behera Nursing Home(Behera Nursing Home Site-03) | 40x300 | ₹ . 37,000/- |
| 07. | Bandutikra Chowk to Behera Nursing Home(Behera Nursing Home Site-04) | 40x300 | ₹ . 37,000/- |
| 08. | Bandutikra Chowk to Behera Nursing Home(Behera Nursing Home Site-05) | 40x300 | ₹ . 37,000/- |
| 09. | Bandutikra Chowk to Behera Nursing Home(Behera Nursing Home Site-06) | 40x300 | ₹ . 37,000/- |
| 10. | Bandutikra Chowk to LIC Office side (Right side of Saikrishna Hotel) | 25,000 | ₹ . 60,000/- |
| 11. | Pantaloon to Swami Stickering | 20,000 | ₹ . 50,000/- |
| 12. | Jeera Bridge (In between Ambapali-Bargarh) | 50,000 | ₹ . 50,000/- |
| 13. | Krushak Bazar (Bargarh RMC wire house area) | 1,00,000 | ₹ . 1,00,000/- |
| 14. | In front of Krushak Bazar, Bargarh | 50,000 | ₹ . 50,000/- |

ଉକ୍ତ ସର୍ତ୍ତାବଳୀକୁ ଗ୍ରହଣ କଲି ।
ପୂର୍ଣ୍ଣ ସ୍ୱାକ୍ଷର ......................................
ତା. ...............................................

ପ୍ରସନ୍ନ କୁମାର ପାଣ୍ଡେ
ଉପ-ଜିଲ୍ଲାପାଳ ତଥା ଆବାହକ
ଜମି ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼




ଉପ-ଜିଲ୍ଲାପାଳ
ବରଗଡ




ଉପ-ଜିଲ୍ଲାପାଳ
ବରଗଡ